# ନୂତନ ଭେଷଜ, ଚର୍ମରୋଗ ବିଶେଷଜ୍ଞ ନିଯୁକ୍ତି ଦାବି

**ଅନୁଗୋଳ,୨।୭ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ୪ ମହଲା ବିଶିଷ୍ଟ ନୂତନ କୋଠା ଅବିଳମ୍ବେ କାର୍ଯ୍ୟକ୍ଷମ କରିବା, ଖାଲି ପଡିଥିବା ଭେଷଜ ଓ ଚର୍ମରୋଗ ବିଶେଷଜ୍ଞ ନିଯୁକ୍ତି କରିବା, ଅଲଟ୍ରାସାଉଣ୍ଡ ଓ ଇକୋ ମେସିନ ସ୍ଥାପନ, ଟ୍ରମା କେୟାର, ଆଇସିୟୁର ବ୍ୟବସ୍ଥା କରିବା ଦାବିରେ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତିଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ଦର୍ଶାଯାଇଛି, ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତିଦିନ ଶହ ଶହ ରୋଗୀ ଆସୁଛନ୍ତି। ମାତ୍ର ଚର୍ମରୋଗ ଓ ଭେଷଜ ବିଶେଷଜ୍ଞ ନ ଥିବାରୁ ରୋଗୀମାନେ ଚିକିତ୍ସା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଅବିଳମ୍ବେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଥିଲା। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ମୁଖ୍ୟ ଚିକିତ୍ସାଳୟରେ ଜଣେ ହୃଦ୍‌ରୋଗ ବିଶେଷଜ୍ଞ ନିୟୋଜିତ ଥିଲେ ହେଁ ଇକୋ ମେଶିନ ନ ଥିବାରୁ ଚିକିତ୍ସା ଠିକ୍ ଭାବେ ହୋଇପାରୁନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଥିଲା। ପ୍ରତିଦିନ ଦୁର୍ଘଟଣାଜନିତ ରୋଗୀ ଆସୁଥିବାବେଳେ ଟ୍ରମା କେୟାର ଓ ଆଇସିୟୁ ବ୍ୟବସ୍ଥା କରିବା ପାଇଁ ପ୍ରତିନିଧିମଣ୍ଡଳୀ ଦାବି କରିଥିଲେ। ଚିକିତ୍ସାଳୟର ୪ ମହଲା କୋଠା କାର୍ଯ୍ୟକ୍ଷମ ହେବା ପରେ ଟ୍ରମା କେୟାର ଏବଂ ଆଇସିୟୁ ବ୍ୟବସ୍ଥା କରାଯିବା ଓ ମୁଖ୍ୟ ଚିକିତ୍ସାଳୟକୁ ଲାଗିକରି ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନ ସହ ଆଲୋଚନା କରି ପଦକ୍ଷେପ ନେବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରକାଶ କରିଥିଲେ। ଦାବିଗୁଡିକ ସମ୍ପର୍କରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଅନୁଗୋଳ ଜିଲା ଜନ ଜୀବନ ସୁରକ୍ଷା କମିଟିର ଅନ୍ୟତମ ଆବାହକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ରମେଶ ସାହୁ, ପଠାଣୀ ବାରିହା, ତୀର୍ଥବାସୀ ଭୋଇ, ମାନସ ପାଳ, ଦାମୋଦର ଦାସ, ନିରୋଦ ଚନ୍ଦ୍ର ପାଳ, ଅଶୋକ କୁମାର ପ୍ରଧାନ, ବ୍ରଜବନ୍ଧୁ ସାହୁ, ନିରୁପମା ପ୍ରଧାନ, ବିଷ୍ଣୁଚରଣ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।



ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଜିଲା ଜନଜୀବନ ସୁରକ୍ଷା କମିଟି କର୍ମକର୍ତ୍ତା।

# ମୃତ ନାବାଳକଙ୍କ ପରିବାରକୁ ଭେଟିଲା ଭାଜପା ପ୍ରତିନିଧିମଣ୍ଡଳୀ



ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ଭାଜପା ପ୍ରତିନିଧିମଣ୍ଡଳୀ।

**ଅନୁଗୋଳ,୨।୭ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଟିକରପଡାସ୍ଥିତ ସାତକୋଶିଆ ଗଣ୍ଡରେ ଗତ ଶନିବାର କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିବା ନାବାଳକ ସମୀର ନାଏକ (୧୩)ଙ୍କ ପରିବାରକୁ ଭେଟିଛନ୍ତି ଭାଜପା ପ୍ରତିନିଧିମଣ୍ଡଳୀ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ସୋମବାର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଭାଜପା ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ଡିଏଫଓ ସରୋଜ ପଣ୍ଡା ପ୍ରମୁଖ ଟିକରପଡ଼ାରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ମୃତ ନାବାଳକଙ୍କ ପରିବାରକୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ୬ ଲକ୍ଷ ଟଙ୍କା ପ୍ରଦାନ କରିବା ସହିତ ପରିବାରର ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି, ମୃତକଙ୍କ ଭଉଣୀର ପାଠ ପଢ଼ିବା ବ୍ୟବସ୍ଥା କରାଯିବ ବୋଲି ପ୍ରତିନିଧିମଣ୍ଡଳୀ ପ୍ରକାଶ କରିଥିଲେ। ସାତକୋଶିଆ ଗଣ୍ଡରେ ଥିବା ଗାଧୁଆ ତୁଠକୁ ସୁରକ୍ଷିତ କରିବା ପାଇଁ ଜାଲି ଲଗାଇବା ବ୍ୟବସ୍ଥା କରାଯିବା ସହ ଲୋକମାନେ ଭୟଭୀତ ନ ହେବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ମିଶ୍ର, ଅନନ୍ତ ବାସୁଦେବ ମହାନ୍ତି, ବିଦ୍ୟାଧର ଚିନାରା, ଜନାର୍ଦ୍ଦନ ସାହୁ, ଝୁନୁଲତା ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ବେଦବ୍ୟାସ ପ୍ରଧାନ, ବିକାଶ ବେହେରା, ସମୀର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜଗନ୍ନାଥ ଏରିଆ ପର୍ସନାଲ ମ୍ୟାନେଜରଙ୍କୁ ସମ୍ବର୍ଦ୍ଧନା



ସେଣ୍ଟ ଜନ ଆମ୍ବୁଲାନ୍ସ ଏମ୍‌ସିଏଲ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

**ତାଳଚେର,୨।୭(ମନୋଜ ନନ୍ଦ)**

ତାଳଚେର ସେଣ୍ଟ ଜନ ଆମ୍ବୁଲାନ୍ସ ଏମ୍‌ସିଏଲ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଜଗନ୍ନାଥ କ୍ଷେତ୍ରର ଏରିଆ ପର୍ସନାଲ ମ୍ୟାନେଜର ସରୋଜ କୁମାର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଡିଭିଜନ କମାଣ୍ଡର ଦୀନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କାର୍ଯ୍ୟାଳୟ ଠାରେ ପର୍ସନାଲ ମ୍ୟାନେଜରଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରିବା ସହିତ ଅନୁଷ୍ଠାନ ବିଷୟରେ ଆଲୋଚନା କରିଥିଲେ। ଏହି ସାକ୍ଷାତ ଆଲୋଚନା ବେଳେ ଶ୍ରମିକନେତା ବିନୟ କୁମାର ସାହୁଙ୍କ ସମେତ ଆମ୍ବୁଲାନ୍ସ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ରାକେଶ କୁମାର ସାମଲ, ଟିକନ ସାହୁ, ସୁଶାନ୍ତ ପାଣି, ଅରବିନ୍ଦ ପ୍ରଧାନ, ସଞ୍ଜୀବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନାଲ୍‌କୋରେ ଜାତୀୟ ଡାକ୍ତର ଦିବସ

**ନାଲ୍‌କୋ,୨।୭(ଲୁସି ରାଉତ)**

ଅନୁଗୋଳସ୍ଥିତ ନାଲ୍‌କୋ ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସର ଅଫିସର ସଂଘ ତରଫରୁ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋନଗର ଚିକିତ୍ସାଳୟର ସମସ୍ତ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡା. ମୀନାକ୍ଷୀ ପଣ୍ଡା ଯୋଗଦେଇ ସମସ୍ତ ଡାକ୍ତରଙ୍କ ନିରବଚ୍ଛିନ୍ନ ସେବା ଓ ଅଫିସର ସଂଘ ଦ୍ୱାରା ସେମାନଙ୍କୁ ସମ୍ମାନିତ କରାଯାଇଥିବାରୁ ପ୍ରଶଂସା କରିଥିଲେ। ଅଫିସର ସଂଘ ସଭାପତି ବନମାଳୀ ସେଠୀ ଓ ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା ସଭା ପରିଚାଳନା କରିଥିଲେ। ଉପସଭାପତି କିଶୋର କୁମାର ବେହେରା ଓ ଦେବାଶିଷ ମିଶ୍ର ନାଲ୍‌କୋ ଡାକ୍ତରମାନଙ୍କ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। କୋଷାଧ୍ୟକ୍ଷ ଗୌତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବୀ ପ୍ରସାଦ ମହାପାତ୍ର, ମନୋଜ ଚନ୍ଦନ, ପ୍ରତାପ ଚନ୍ଦ୍ର ମଲ୍ଲିକ, ରାକେଶ ବେହେରା, ମୁନା ଜେନା, ରମେଶ ସାହୁ, ବନବାସୀ ନାୟକ, ଅଜୟ ମିଶ୍ର, ରାଜୁ ପୁର୍ତ୍ତି, ଦୀପକ କୁମାର, ଅନ୍ନପୂର୍ଣ୍ଣା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ନାଲ୍‌କୋ ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସର ଅଫିସର ସଂଘ ତରଫରୁ ଜାତୀୟ ଡାକ୍ତର ଦିବସ ପାଳନ କରାଯାଉଛି।

# ଡାକ୍ତର, ସିଏ ଦିବସ ପାଳିତ



ଡାକ୍ତରଙ୍କୁ ସମ୍ମାନିତ କରାଯାଉଛି।

**ଅନୁଗୋଳ,୨।୭ (ଜ୍ୟୋତିରଞ୍ଜନ ସାହୁ)**

ରୋଟାରି କ୍ଲବ ଅନୁଗୋଳ ରୟାଲ ତରଫରୁ ଡାକ୍ତର ଦିବସ ଓ ସିଏ ଦିବସ ପାଳନ କରାଯାଇଛି। କ୍ଲବ ସଭାପତି ମଧୁ ଗୁପ୍ତାଙ୍କ ନେତୃତ୍ୱରେ ଡା. ଦୀପକ ଗଡନାୟକ, ଡା. ପ୍ରତାପ କୁମାର ବେହେରା, ଡା. ସସ୍ମିତା ଦାସ ଏବଂ ସିଏ ରାଜେଶ ଗୋୟଲଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସମ୍ପାଦକ ବାଣୀ ଦେବ, ଡା. ସୌମ୍ୟକାନ୍ତ ବିଶୋଇ, ଅନିଲ ଗୁମ୍ଫା, ବିଶ୍ୱଜିତ ପଟ୍ଟନାୟକ, ଡା. ମାଇକେଲ ଜନ, ମୁରାରୀ ଲାଲ ଅଗ୍ରୱାଲ, କିରଣ ଅଗ୍ରୱାଲ, ଜୟ ପ୍ରକାଶ ମୋଦି, ରାଜେଶ ସାରଲିଆ, ମିଲନ କୁମାର ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ କ୍ଲବ ତରଫରୁ ସିମିଳିପଡାସ୍ଥିତ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇ ଅନ୍ନପୂର୍ଣ୍ଣା ଦିବସ ପାଳନ କରାଯାଇଥିଲା।

# ମହାବିଦ୍ୟାଳୟରେ ବନ ମହୋତ୍ସବ

**ଅନୁଗୋଳ,୨।୭ (ଜ୍ୟୋତିରଞ୍ଜନ ସାହୁ)**



ବିଧାୟକ ଚାରା ରୋପଣ କରୁଛନ୍ତି।

ଅନୁଗୋଳ ମହାବିଦ୍ୟାଳୟ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅନୁକୂଲ୍ୟରେ ବନମହୋତ୍ସବ ପାଳନ କରାଯାଇଛି। ଅଧକ୍ଷ ଡ. ନୀଳାଚଳ ପଟେଲଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତେ ଗୋଟିଏ ଲେଖାଏ ଚାରା ପ୍ରତିବର୍ଷ ଲଗାଇବା ପାଇଁ ଅନୁରୋଧ କରିଥିଲେ। ପୁରାତନ ଛାତ୍ରସଂଘ କର୍ମକର୍ତ୍ତାମାନେ ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ୨ ଶହରୁ ଅଧିକ ଚାରା ରୋପଣ କରାଯାଇଥିଲା। ଜାତୀୟ ସେବା ଯୋଜନା ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ, ରିନା ମାରାଣ୍ଡି, ଅର୍ଦ୍ଧେନ୍ଦୁ ଶେଖର ମଲ୍ଲିକ, ଶୁଭାଶିଷ ଜେନା, ଯୁବ ରେଡକ୍ରସ ଅଧିକାରୀ ଶାସ୍ୱତୀ ଶୁଭଦର୍ଶିନୀ, ରେଞ୍ଜର ଓ ରୋଭର ଅଧିକାରୀ ସୁଶ୍ରୀ ପ୍ରଜ୍ଞା ପାଣି, ଡକ୍ଟର ସତ୍ୟନାରାୟଣ ତ୍ରିପାଠୀ, ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ କ୍ୟାପଟେନ ଅଭିମନ୍ୟୁ ଦାସ, କଲେଜ ଉପବିଭାଗ ଅଧିକାରୀ ପିତ୍ର ମୋହନ ବେହେରା ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ, ଯାଞ୍ଚ କଲେ ଜିଲାପାଳ

**ବଇଣ୍ଡା,୨।୭ (ପରିକ୍ଷିତ ସାହୁ)**

କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାର ଗସ୍ତ କରି ସ୍ୱାସ୍ଥ୍ୟ ବ୍ୟବସ୍ଥା ଯାଞ୍ଚ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଚିକିତ୍ସା ମିଳୁଛି କି ନାହିଁ ସେ ନେଇ ରୋଗୀମାନଙ୍କୁ ପଚାରି ବୁଝିଥିଲେ। ପରେ ଔଷଧ ବଣ୍ଟନ କେନ୍ଦ୍ରକୁ ଯାଇ ଯାଞ୍ଚ କରିବା ସହ ସମସ୍ତ ରୋଗୀଙ୍କୁ କିଭଳି ନିଃଶୁଳ୍କ ଔଷଧ, ଭଲ ବ୍ୟବହାର ଓ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯିବ ସେଥିପାଇଁ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ରୋଗୀଙ୍କୁ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଜିଲାପାଳଙ୍କ ସହ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିନୟ କୁମାର ମିଶ୍ର, ବ୍ଲକ ପ୍ରୋଗ୍ରାମ ଅଫିସର ଅଜିତ କୁମାର ସାହୁ ଉପସ୍ଥିତ ଥିଲେ।




ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ଜିଲାପାଳ।

# ପଡ଼ିଆକୁ ଖେଳ ଉପଯୋଗୀ କରିବାକୁ ଦାବି

**ଆଠମଲ୍ଲିକ,୨।୭(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ସହରସ୍ଥିତ ଖେଳପଡ଼ିଆରେ ୧ ବର୍ଷ ହେବ ଖାଲଖମା ସୃଷ୍ଟି ହୋଇଛି। ୬ ମାସ ପୂର୍ବରୁ ସରକାରୀ କାର୍ଯ୍ୟକ୍ରମରେ ଭିଭିଆଇପିଙ୍କ ଗସ୍ତ ଯୋଗୁ ଗୋଲପୋଷ୍ଟକୁ ଖୋଲି ଅନ୍ୟତ୍ର ରଖି ଦିଆଯାଇଥିବାରୁ ଫୁଟ୍‌ବଲ ଖେଳ ହୋଇପାରୁ ନାହିଁ। ଫଳରେ କ୍ରୀଡ଼ାପ୍ରେମୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଆଠମଲ୍ଲିକ ଆଥଲେଟିକ ଆସୋସିଏଶନ ତରଫରୁ ବାରମ୍ବାର ଦାବିପତ୍ର ଦିଆଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ଆଠମଲ୍ଲିକ ଆଥଲେଟିକ ଆସୋସିଏଶନ ସମ୍ପାଦକ ରଞ୍ଜନ ମହାକୁଡ, ଉପସଭାପତି ପୀତବାସ ସାହୁ, ବରିଷ୍ଠ ସଦସ୍ୟ ଦିଲୀପ ରାଉତଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଖେଳ ପଡିଆକୁ ଖେଳ ଉପଯୋଗୀ କରିବାକୁ ଦାବି କରିଛନ୍ତି।

# ଷ୍ଟେଶନର ଦ୍ରୁତ ବିକାଶ ପାଇଁ ଧନ୍ୟବାଦ ଜଣାଇଲେ କାଳନ୍ଦୀ

**ତାଳଚେର,୨।୭ (ମନୋଜ ନନ୍ଦ)**

ତାଳଚେର-ବିମଳାଗଡ଼ ରେଳ ଲାଇନ୍‌ର ନିର୍ମାଣ କାର୍ଯ୍ୟ ଉଭୟ ପାର୍ଶ୍ୱରୁ ଦ୍ରୁତ ଗତିରେ କରାଯିବ। ଏଥିସହ ଅମୃତ ଷ୍ଟେଶନଗୁଡିକର ପୁନଃ ବିକାଶ କାର୍ଯ୍ୟ ପାଇଁ ବିଶେଷ ଧ୍ୟାନ ଦିଆଯାଇ ଖୁବ୍‌ଶୀଘ୍ର ସମୀକ୍ଷା କରାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିବା ତାଳଚେର ଭାଜପାର ବରିଷ୍ଠ ନେତା କାଳନ୍ଦୀ ସାମଲ ସୂଚନା ଦେଇଛନ୍ତି। ତାଳଚେର ରେଳ ଷ୍ଟେଶନ ଅମୃତ ଯୋଜନାରେ ସାମିଲ ହୋଇ ଦ୍ରୁତ ଗତିରେ କାର୍ଯ୍ୟ ଚାଲୁ ରହିଛି। ତାଳଚେରର ଏପରି ବିକାଶ ଜାରି ରହିଥିବାରୁ ଏଥିପାଇଁ କାଳନ୍ଦୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କଲେଜରୁ ଦାମୀ ସାମଗ୍ରୀ ଗାଏବ ନେଇ ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ

**ତାଳଚେର,୨।୭ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଲାଙ୍ଗୁଏଜ ଲ୍ୟାବରୁ ୨୬ଟି ହେଡ୍‌ଫୋନ, ଏକ କ୍ୟାମେରା ଗାଏବ ହୋଇଯାଇଥିବା ସୂଚନା ଅଧିକାର କର୍ମୀ ଦେବପ୍ରସାଦ ସାହୁ ଅଭିଯୋଗ କରିଛନ୍ତି। ଏ ନେଇ ସେ କଲେଜ ଗଭର୍ଣ୍ଣିଂ ବଡି ସଭାପତି ତଥା ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରିତିମୟଙ୍କ ନିକଟରେ ଅଭିଯୋଗ କରିବା ପରେ ଅତିରିକ୍ତ ଜିଲାପାଳ କଲେଜକୁ ରିପୋର୍ଟ ମାଗିଥିବା ସୂଚନା ଅଧିକାର କର୍ମୀ ସାହୁ ସୂଚନା ଦେଇଛନ୍ତି।

ସାହୁ ଅଭିଯୋଗ କରିଛନ୍ତି, ତାଳଚେର କଲେଜରେ ୨୦୧୫ରେ ଏକ ଉନ୍ନତମାନର ଲାଙ୍ଗୁଏଜ ଲ୍ୟାବ ତିଆରି କରାଯାଇଥିଲା। ଏହି ଲ୍ୟାବରେ ପିଲାମାନଙ୍କୁ ଉଚ୍ଚକୋଟିର ଇଂଲିଶ ଭାଷାରେ କହିବାରେ ଶିକ୍ଷା ପ୍ରଦାନ କରାଯିବାର ବ୍ୟବସ୍ଥା ଥିଲା। ଉକ୍ତ ଲ୍ୟାବକୁ ଖଡ଼ଗପୁର ସ୍ଥିତ ଏକ କମ୍ପାନୀ ତିଆରି କରିଥିଲା। ସୂଚନା ଅଧିକାର ଆଇନ ବଳରେ ସେ ତଥ୍ୟ ପାଇଛନ୍ତି ଯେ ଉକ୍ତ ଲ୍ୟାବରୁ ୨୬ଟି ହେଡ୍‌ଫୋନ, ଏକ କ୍ୟାମେରା ଗାଏବ ହୋଇଯାଇଛି। ପୂର୍ବରୁ ଏଠାରୁ ୨ଟି ଏସି ଚୋରି ହୋଇଥିଲା। କିନ୍ତୁ ଏ ସମ୍ପର୍କରେ କଲେଜ ତରଫରୁ ଥାନାରେ କୌଣସି ଏତଲା ଦିଆଯାଇନାହିଁ। ଏ ସଂକ୍ରାନ୍ତରେ ସେ ତାଳଚେର ସଦର ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ ମାମଲା ରୁଜୁ କରିବାକୁ ମନା କରିବା ସହ କଲେଜ ତରଫରୁ ଅଭିଯୋଗ ଆସିଲେ ମାମଲା ରୁଜୁ କରାଯିବ ବୋଲି କହିଥିଲା। ପୋଲିସ ଠାରୁ ନିରାଶ ହୋଇ ସେ ଘଟଣା ସମ୍ପର୍କରେ କଲେଜ ଗଭର୍ଣ୍ଣିଂ ବଡି ସଭାପତି ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲାପାଳ ଏହା ଉପରେ କଲେଜକୁ ରିପୋର୍ଟ ତଲବ କରିଥିବା ସୂଚନା ଅଧିକାର କର୍ମୀ ସାହୁ ପ୍ରକାଶ କରିଛନ୍ତି।

# ଆଠମଲ୍ଲିକରେ ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ



**ଆଠମଲ୍ଲିକ,୨।୭(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ସହକାରୀ ଜିଲାପାଳ ଭାବେ ପୂର୍ବରୁ ଦାୟିତ୍ୱ ତୁଲାଉଥିବା ବିଭୂତି ଭୂଷଣ ମଲ୍ଲିକ ମଙ୍ଗଳବାର ଅତିରିକ୍ତ ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପଦବୀ ଗତ ୧ ବର୍ଷରୁ ଅଧିକ ହେବ ଖାଲି ପଡିଥିଲା। ସେ ନୂତନ ଭାବରେ ଦାୟିତ୍ୱ ନେଲା ପରେ ଲୋକଙ୍କୁ ସୁଚାରୁରୂପେ ସେବା ଯୋଗାଇ ଦେବାକୁ ଚେଷ୍ଟା କରିବେ ବୋଲି ପ୍ରଥମ ପ୍ରତିକ୍ରିୟାରେ ଅତିରିକ୍ତ ତହସିଲଦାର ମଲ୍ଲିକ ପ୍ରକାଶ କରିଛନ୍ତି।

# ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବଣ୍ଟରପାଳ,୨।୭ (ସୁବାସ ସାହୁ)**

ଅନୁଗୋଳ ଜିଲା ୟୁନାଇଟେଡ ବ୍ୟାଡମିଣ୍ଟନ ଆସୋସିଏଶନ ଦ୍ୱାରା ଅନୁଗୋଳ ଇନ୍‌ଡୋର ହଲ୍‌ଠାରେ ଶୁକ୍ରବାର ଠାରୁ ଚାଲିଥିବା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୫୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ସେଥିରେ ୧୩୨ଜଣ ପୁରୁଷ ଓ ୨୦ ଜଣ ମହିଳା ଖେଳାଳି ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ସୁଭାଷ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ବ୍ୟାଡମିଣ୍ଟନ ସଂଘ ଉପ ସଭାପତି ଶିବ ପ୍ରସାଦ ଦାସ ଓ ସୁଧୀର ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ସହଯୋଗ କରିଥିଲେ। ୧୩ ବର୍ଷରୁ କମ୍ ବାଳିକା ବର୍ଗରେ ପ୍ରିୟାଂଶୀ ବେହେରା ଚାମ୍ପିୟନ ହୋଇଥିବା ବେଳେ ଶ୍ରୀୟାଂଶୀ ପ୍ରଧାନ ରନର୍ସଅପ ହୋଇଥିଲେ। ୧୫ ବର୍ଷରୁ କମ୍ ବାଳିକା ବର୍ଗରେ ଅନ୍ୱେଷା ମହାରଣା ଚାମ୍ପିୟନ ଓ ଭବ୍ୟା ସାଇଶ୍ରୀ ରନର୍ସଅପ ହୋଇଥିଲେ। ପୁରୁଷ ଯୁଗଳ ବର୍ଗରେ ଅମ୍ଳାନ କେଶରୀ ଗଡ଼ନାୟକ, ତନ୍ମୟ କୁମାର ସାହୁ ଚାମ୍ପିୟନ ହୋଇଥିବା ବେଳେ ଅବିନାସ ସାମନ୍ତ, ସୁମିତ ପ୍ରଧାନ ରନର୍ସଅପ ହୋଇଥିଲେ। ଅନିର୍ବାଣ ସାମନ୍ତ ପୁରୁଷ ୧୯ ବର୍ଷରୁ କମ୍ ଏକକ ବର୍ଗରେ ଭଲ ଖେଳ ପ୍ରଦର୍ଶନ କରିଥିଲେ। ଅର୍ନିର୍ବେନୟ ପ୍ରଧାନ ୧୭ ବର୍ଷରୁ କମ୍ ବିଭାଗରେ ଏକକ, ଯୁଗଳ ଚାମ୍ପିୟନ ହୋଇଥିଲେ। ୪୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବର୍ଗ ଯୁଗଳରେ ସୁଧୀର କୁମାର ମିଶ୍ର ଓ ସ୍ୱାଧୀନ ମିଶ୍ର ଚାମ୍ପିୟନ ହୋଇଥିବା ବେଳେ ନକୁଳ ବେହେରା, ତ୍ରିନାଥ ଦେହୁରୀ ରନର୍ସଅପ ହୋଇଥିଲେ। ସୁଧୀର କୁମାର ମିଶ୍ର, ସ୍ୱାଧୀନ ମିଶ୍ର, ସୁଭାଷ ଚନ୍ଦ୍ର ସାହୁ, ସୌମ୍ୟ ରଞ୍ଜନ ସାହୁ ଖେଳ ପରିଚାଳନା କରିଥିଲେ। ଅଂଶୁମାନ୍ ଗଡ଼ନାୟକ ପ୍ଲେୟାର ଅଫ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସଂଘ ପରିଚାଳନା ସମ୍ପାଦକ ସରୋଜ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।




ଅତିଥି ଓ ଆୟୋଜକଙ୍କ ସହ ଟ୍ରଫି ହାସଲ କରିଥିବା ଖେଳାଳିମାନେ।

# ଶିକ୍ଷା ସମସ୍ୟା: କେନ୍ଦ୍ର, ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ଅଭିଯୋଗ



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

**ଛେଣ୍ଡିପଦା,୨।୭(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ କୁଶକିଳା ଗ୍ରାମର ପାଣ୍ଟେଶ୍ୱରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର ଓ ବିଦ୍ୟାଳୟର ଶିକ୍ଷକ ସମସ୍ୟାକୁ ନେଇ ଗ୍ରାମବାସୀ ଭୁବନେଶ୍ୱରଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, କୁଶକିଳା ଗ୍ରାମରେ ୧୯୮୫ ମସିହାରେ ପ୍ରତିଷ୍ଠା ହୋଇଥିବା ପାଣ୍ଟେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇ ଗ୍ରାମଠାରୁ ୫ ରୁ ୭ କି.ମି .ଦୂରରେ ଥିବା ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଫଳରେ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗ୍ରାମରେ ପ୍ରାଥମିକ ଓ ଉଚ୍ଚବିଦ୍ୟାଳୟ ଥିବାବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାହିଁ। ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ପ୍ରଶାସନଙ୍କୁ ବାରମ୍ବାର ଜଣାଇଥିଲେ ହେଁ ସମାଧାନ ନ ହେବାରୁ ବାଧ ହୋଇ ସେମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟର ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। କୁଶକିଳା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଉପରେ ୩ଟି ପ୍ରାଥମିକ ବିଦ୍ୟାଳୟ କୁଶକିଳା, ସାନକୁଶକିଳା ଓ କୁଶକିଳା ହରିଜନସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ନିର୍ଭର କରୁଛନ୍ତି। ସମସ୍ୟାର ସମାଧାନ ପାଇଁ ଉଭୟ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## ବ୍ରହ୍ମାକୁମାରୀ ମନୁବାଳାଙ୍କ ଅକାଳ ବିୟୋଗ

**ବଇଣ୍ଡା,୨।୭ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଇଣ୍ଡା ଶାଖାର ବ୍ରହ୍ମାକୁମାରୀ ମନୁବାଳା ବିଶ୍ୱାଳ (୪୨)ଙ୍କ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି।



ସେ କିଛିଦିନ ହେବ ଅସୁସ୍ଥ ଥିଲେ। ସେ ଦୀର୍ଘ ୧୫ ବର୍ଷ ହେବ ବଇଣ୍ଡା ଶାଖା ଠାରେ ରହି ବଇଣ୍ଡା ତଥା ଆଖାପାଖ ଅଞ୍ଚଳରେ ସେବା ଦେଇ ଆସୁଥିଲେ। ସେ ଜଣେ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ ତଥା ଅକ୍ଲାନ୍ତ ସେବାଧାରୀ ଥିଲେ। ତାଙ୍କ ଜନ୍ମସ୍ଥାନ ଅଙ୍ଗପଡା ଠାରେ ତାଙ୍କର ଶେଷକୃତ୍ୟ କରାଯାଇଛି। ତାଙ୍କର ଅକାଳ ବିୟୋଗରେ ବଇଣ୍ଡା, କିଶୋରନଗର ତଥା ଆଠମଲ୍ଲିକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଆଠମଲ୍ଲିକ ବିଧାୟକ ନଳିନୀ କାନ୍ତ ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

## ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟ ଉଦ୍‌ଘାଟିତ



ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟକୁ ମନ୍ତ୍ରୀ ପାତ୍ର ଉଦ୍‌ଘାଟନ କରୁଛନ୍ତି।

**ଢେଙ୍କାନାଳ,୨।୭(ରତନ ନାୟାର)**

ଢେଙ୍କାନାଳ ସହର ଦକ୍ଷିଣକାଳୀ ଗୋପିନାଥ ଗାର୍ଡେନ ନିକଟରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ତଥା ଢେଙ୍କାନାଳ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମନ୍ତ୍ରୀ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟାଳୟରେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗ ଶୁଣାଣି ଓ ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ କାର୍ଯ୍ୟାଳୟ ପରିସରରେ ମନ୍ତ୍ରୀ ଚାରାରୋପଣ କରିଥିଲେ। ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ନବକିଶୋର ଗୁରୁ, ରାମଚନ୍ଦ୍ର ପାତ୍ର, ମାତୃପ୍ରସାଦ ନନ୍ଦ, ଭାରତୀ ସ୍ୱାଇଁ, ଅବନୀ ପଟ୍ଟନାୟକ, ଜିଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଲକ୍ଷ୍ମୀଧର ଦଳେଇ, ଧ୍ରୁବଚରଣ ସାହୁ, ନିରୋଦ ସାହୁ, ଲକ୍ଷ୍ମୀପ୍ରିୟା ଦଳେଇ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ରାଜ୍ୟ ସମବାୟ ସମିତି ସଭାପତି ଅକ୍ଷୟ ମହାନ୍ତି, ଦୀପକ ପଟ୍ଟନାୟକ, ରୁଦ୍ରନାରାୟଣ ତ୍ରିପାଠୀ, ସନ୍ତୋଷ ରାଉତ, ସୁଚିତ୍ର ବେହେରାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ନୂତନ ଆଇନରେ ରୁଜୁହେଲା ୪ ମାମଲା

**ଢେଙ୍କାନାଳ,୨।୭(ରତନ ନାୟାର)**

ଢେଙ୍କାନାଳ ଟାଉନ ଥାନାରେ ସୋମବାର ବିଳମ୍ବିତ ରାତିରେ ନୂତନ ଆଇନକୁ ନେଇ ୩ଟି ମାମଲା ରୁଜୁ କରାଯାଇଛି। ନିଶାସକ୍ତ ଅବସ୍ଥାରେ ଗାଡିଚାଳନା କରିଥିବା ଯୋଗୁ କେସ୍ ନଂ. ୪୨୦, ଦଫା-୨୮୩ ଓ ୧୮୫ ଭାରତୀୟ ନ୍ୟାୟ ସଂହିତା, ଗାଳିଗୁଲଜ ସହ ଧମକ ଅଭିଯୋଗରେ କେସ୍ ନଂ. ୪୨୧ରେ, ଦଫା-୨୯୬ ଓ ୩୫୧ ଭାରତୀୟ ନ୍ୟାୟ ସଂହିତା, ଉଭୟ ବ୍ୟକ୍ତିଙ୍କ ମଧ୍ୟରେ ବିବାଦକୁ ନେଇ କେସ୍ ନଂ-୪୨୩ରେ, ଦଫା-୩୩୩,୨୯୬,୧୨୬,୧୧୫ ଓ ୩୫୧ ବିଏନ୍‌ଏସ୍ ଏବଂ ୪୨୪ନଂ କେସ୍‌ରେ ଦଫା-୨୯୬, ୧୨୬, ୧୧୫, ୩୫୧ ଓ ୧ରୁ ଅଧିକ ଅଭିଯୁକ୍ତ ଥିବାରୁ ୩ ବିଏନ୍‌ଏସ୍ ଦଫାରେ ମାମଲା ରୁଜୁ ହୋଇଥିବା ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ ସୂଚନା ଦେଇଛନ୍ତି। ସେହିପରି ଭୁବନ ଥାନାରେ ନୂଆ ଆଇନରେ ଗୋଟିଏ ମାମଲା ରୁଜୁ କରାଯାଇଥିବା ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି।

## ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କିତ ବୈଠକ

**କାମାକ୍ଷାନଗର,୨।୭(ସୁଧୀର ପରିଡ଼ା)**

କାମାକ୍ଷାନଗର ଥାନା ତରଫରୁ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କିତ ଏକ ବୈଠକ ଥାନା ପରିସରରେ ଆୟୋଜିତ ହୋଇଯାଇଛି। ଭାରପ୍ରାପ୍ତ ଅଧିକାରୀ ମାଗୁଣି ଚରଣ ଗଡ଼ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ କାମାକ୍ଷାନଗର ଓକିଲ ସଂଘ ସଦସ୍ୟ, କାମାକ୍ଷାନଗର ସାମ୍ବାଦିକ ସଂଘ ସଦସ୍ୟ, ସହର ବିଭିନ୍ନ ବର୍ଗର ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ସମଗ୍ର ଦେଶରେ ନୂତନ ଆଇନ ପ୍ରଣୟନ ହୋଇଥିବାବେଳେ କିପରି ଭାବେ ଜନସାଧାରଣଙ୍କ ସହଯୋଗରେ ତାହା କାର୍ଯ୍ୟକାରୀ ହୋଇପାରିବ ଏବଂ ନୂତନ ଆଇନ ସମ୍ପର୍କରେ ସାଧାରଣ ଲୋକେ ଅଧିକରୁ ଅଧିକ ସଚେତନ ହୋଇପାରିବେ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ବରିଷ୍ଠ ଓକିଲ ସୁମନ୍ତ ସାହୁ, ପ୍ରଶାନ୍ତ ସାମଲ, ଛାୟାକାନ୍ତ ସାହୁ, ହୃଦୟ ବଲ୍ଲଭ ମିଶ୍ର, ରିତେଶ ବ୍ରହ୍ମା, ବିନୋଦ ବିହାରୀ ସେଠୀ, ପ୍ରକାଶ ପାତ୍ର, ସଦାଶିବ ସେଠୀ, ଯୁବ ସଙ୍ଗଠକ ଶେଷଦେବ ନାଥ, ଦଳିତ ସଂଘ ତରଫରୁ ଭିକାରି ଚରଣ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏଏସ୍‌ଆଇ ଜିତେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଆଇନଜୀବୀମାନେ।

## ଜିଏମ୍‌ଆର୍ ଡିଏଭି ସ୍କୁଲ ଛାତ୍ରୀଙ୍କ ସଫଳତା




ଏସ୍‌ପି ମଡକର ସନ୍ଦୀପ ସମ୍ପଦ ରିଦ୍ଧିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

**ଢେଙ୍କାନାଳ,୨।୭(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗସ୍ଥିତ ଜିଏମ୍‌ଆର୍ ଡିଏଭି ପବ୍ଲିକ ସ୍କୁଲର ୮ମ ଶ୍ରେଣୀ ଛାତ୍ରୀ ରିଦ୍ଧି ମହାକୁଡ ଜିଲାସ୍ତରୀୟ ବ୍ୟାଟମିଣ୍ଟନ ଚାମ୍ପିୟନଶିପ୍‌ରେ ୧୫ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ହୋଇ ସଫଳତା ହାସଲ କରିଛନ୍ତି। ଗତ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଯୋଗଦେଇ ରିଦ୍ଧିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ବ୍ୟାଟମିଣ୍ଟନ ସଂଘ ସଭାପତି ଦୀପକ ଦଳେଇ ଓ ସମ୍ପାଦକ ଟଙ୍କଧର ବେହେରା ଉପସ୍ଥିତ ଥିଲେ। ଏଥିସହିତ ସେ ରାଜ୍ୟସ୍ତରରେ ଢେଙ୍କାନାଳ ଜିଲାକୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡିଛି। ଏହି ଉପଲକ୍ଷେ ସ୍କୁଲ ଅଧ୍ୟକ୍ଷା ଅହଲ୍ୟାବାଈ ସାହୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ରାଜ୍ୟସ୍ତରୀରେ ସଫଳତା ହାସଲ କରିବା ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ତାଙ୍କୁ ଶୁଭକାମନା ଜଣାଇଛନ୍ତି। କ୍ରୀଡ଼ା ଶିକ୍ଷକ ରଶ୍ମିରଞ୍ଜନ ପ୍ରଧାନ ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଥିବା ଜଣାପଡିଛି।

## କବିତା ପୁସ୍ତକ ଲୋକାର୍ପିତ

**ଓଡ଼ାପଡ଼ା,୨।୭(ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ କାର୍ଯ୍ୟରତ ଅଧ୍ୟାପକ ଡ. ଦେବାନନ୍ଦ ଦାସଙ୍କ ଦୀର୍ଘ କବିତା ପୁସ୍ତକ 'ଇଚ୍ଛାରେ ଇଚ୍ଛାରେ ଇଚ୍ଛାମତୀ' ଲୋକାର୍ପିତ ହୋଇଯାଇଛି। ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ କବି ପ୍ରାଧ୍ୟାପିକା ଡ. ମାନସୀ କର, କବି ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ, ଅଧ୍ୟାପକ ରଞ୍ଜନ ସାହୁ, ଅଧ୍ୟାପକ ମଣିନ୍ଦ୍ର କୁମାର ନନ୍ଦ ଯୋଗଦେଇ କବିତା ପୁସ୍ତକଟିର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ କବି ଡ. ଦେବାନନ୍ଦ ଦାସଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।




କବିତା ପୁସ୍ତକ ଲୋକାର୍ପଣ କରାଯାଉଛି।

## ଜନ୍ମଦିନରେ ସମ୍ମାନିତ କଲେ ଗ୍ରାମବାସୀ



ମହିଳା ଚାଷୀ ଗୋପାଳୀଙ୍କୁ ଜନ୍ମଦିନରେ ସମ୍ମାନିତ କରାଯାଉଛି।

**କାମାକ୍ଷାନଗର,୨।୭(ଅମ୍‌ଜାଦ୍ ଖାନ୍)**

କାମାକ୍ଷାନଗର ବ୍ଲକ କୁଶିଆ ଗ୍ରାମର ମହିଳା କୃଷକ ଗୋପାଳୀ ସାସମଲଙ୍କ ଜନ୍ମଦିନରେ ତାଙ୍କୁ ସମ୍ମାନିତ କରିଛନ୍ତି ଗ୍ରାମବାସୀ। ଗୋପାଳୀ ପୁରୁଣା ପଦ୍ଧତିରେ ନିଜର ସମସ୍ତ ପୈତୃକ ଜମିରେ ଚାଷ କରୁଛନ୍ତି। ଏଥିସହ ଗୁହାଳ କରି ଗାଈ ରଖିବା ସହ ପ୍ରତିଦିନ ଗୋ ସେବା କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ କୁଶିଆ ଗାଁ ମୁଖିଆ ଲିଙ୍ଗରାଜ ଜେନାଙ୍କ ସମେତ ଗ୍ରାମର ବରିଷ୍ଠ ନାଗରିକ ସଦାଶିବ ରାଉଳ, ପଞ୍ଚାନନ ଜେନା, ଶେଷଦେବ ରାଉଳ ଏବଂ ଓଡ଼ିଆ ସଂସ୍କୃତି ପ୍ରଚାରକ ହିମାଦ୍ରି ଦାସ ପ୍ରମୁଖ ଗୋପାଳୀଙ୍କ ଜନ୍ମଦିନରେ ତାଙ୍କୁ ଏବଂ ତାଙ୍କ ପରିବାରକୁ ସମ୍ମାନିତ କରିବା ସହିତ ଚାରା ରୋପଣ କାର୍ଯ୍ୟକ୍ରମ କରିଥିଲେ। ଗ୍ରାମର କୁନି କୁନି ପିଲାମାନଙ୍କୁ ଏବଂ ବୃଦ୍ଧାବୃଦ୍ଧଙ୍କୁ ଦେଶୀ ଗାଈ କ୍ଷୀର ବଣ୍ଟନ କରାଯାଇଥିଲା।

## ବନୀକରଣକୁ ଜୀବନର ପଥ ଭାବେ ଗ୍ରହଣ କର

**ଢେଙ୍କାନାଳ,୨।୭(ରତନ ନାୟାର)**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସୋମବାର ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ପକ୍ଷରୁ ଚାରାରୋପଣ ଅଭିଯାନ ଆରମ୍ଭ ହୋଇଛି। ଜାତୀୟ ସେବା ଯୋଜନାର ମୁଖ୍ୟ ସଂଯୋଜକ ଡ. ରବର୍ଟ ୱିଲିୟମ ବାତ୍ରା ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ସ୍ୱେଚ୍ଛାସେବୀ ମହାବିଦ୍ୟାଳୟ ପରିସରକୁ ସବୁଜମୟ କରିବା ଲକ୍ଷ୍ୟରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତରଞ୍ଜନ ସାହୁ, ସବୁଜ ପରିବେଶ ଓ ବନୀକରଣ ଉଦ୍ଦେଶ୍ୟରେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଓ ଡ. ଦେବରାଜ ପରିଡା ଚାରାରୋପଣ କରିଥିଲେ। ବନମହୋତ୍ସବ ବନୀକରଣ ସପ୍ତାହରେ




ଢେଙ୍କାନାଳ କଲେଜ ପରିସରରେ ଚାରାରୋପଣ କରାଯାଉଛି।

ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ମା'ଙ୍କ ପାଇଁ ଚୋରାରୋପଣ କାର୍ଯ୍ୟକ୍ରମରେ ଶପଥ ନେଇଥିଲେ। ଯୁବରେଡକ୍ରସ୍ ଅଫିସର ଡ. ପୁଷ୍ପାଞ୍ଜଳି ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଅମୃତ କୁମାର ସେଠି, ଇଂଲିଶ ବିଭାଗ ଅଧ୍ୟାପକ ତପନ କୁମାର ସେଠୀ, ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହିତ ବନୀକରଣ ଅଭିଯାନକୁ ଜୀବନର ପଥ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଡ. ନିର୍ଲିପ୍ତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ୭ ଦିନ ପରେ ପୋଲିସ ହାତ ଖାଲି

### ନାବାଳିକା ଅପହରଣ ଘଟଣା

**ପରଜଙ୍ଗ,୨।୭ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅପହରଣ ଘଟଣାକୁ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ପୋଲିସ ତାଙ୍କୁ ଉଦ୍ଧାର କରିପାରିନାହିଁ। ଫଳରେ ପରିବାର ଲୋକେ ଚିନ୍ତିତ ହୋଇପଡିଛନ୍ତି। ସୂଚନା ମୁତାବକ, ଗତ ୨୫ ତାରିଖରେ ନାବାଳିକା ଜଣକ ଗାଧୋଇବା ପାଇଁ ଯାଉଥିବାବେଳେ ଅଭିଯୁକ୍ତ ଅଗସ୍ତି ସାହୁ(୨୧) ଏବଂ ଚିଣ୍ଟୁ ସାହୁ ଏକ ବୋଲେରୋରେ ଆସି ଅପହରଣ କରି ନେଇଥିବା ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୯୩/୨୪ରେ ଏକ ମାମଲା ରୁଜୁ କରିଥିଲା। ଗତ ୨୮ ତାରିଖରେ ନାବାଳିକାଙ୍କ ପରିବାର ଲୋକେ ତାଳଚେର ଉତ୍ତର କେନ୍ଦ୍ରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାବାଳିକାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ନିବେଦନ କରିଥିଲେ। ହେଲେ ଏଯାଏ ନାବାଳିକାଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ। ମଙ୍ଗଳବାର ପରିବାର ଲୋକେ ପରଜଙ୍ଗ ଥାନା ଅଧିକାରୀଙ୍କୁ ଭେଟି ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଥାନା ଅଧିକାରୀ ପ୍ରିୟବ୍ରତ ଦାସ କହିଛନ୍ତି, ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୨ ଦିନ ମଧ୍ୟରେ ନାବାଳିକାଙ୍କୁ ଉଦ୍ଧାର କରାଯିବ।

## କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କର୍ମଚାରୀଙ୍କୁ ପେନ୍‌ସନ୍ କାଗଜପତ୍ର ପ୍ରଦାନ କରାଯାଉଛି।

**ଢେଙ୍କାନାଳ,୨।୭(ରତନ ନାୟାର)**

ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟରତ ଭୋଳେଶ୍ୱର ଧଳ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ବଶୋଇ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଭଗବାନ ସାହୁ, ଅରବିନ୍ଦ ବିଦ୍ୟାମନ୍ଦିର ମେରାମଣ୍ଡଳୀର ୪ର୍ଥ ଶ୍ରେଣୀ କର୍ମଚାରୀ ରୋହିତ କୁମାର ମହାପାତ୍ର ଓ ଶ୍ରୀଲୋକନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ନବକିଶୋର ବରାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଫାଇନାଲ ପେନ୍‌ସନ୍ କାଗଜପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ସେକ୍ସନ ଅଫିସର ସୁଶୀଳା ମଲ୍ଲିକ, ସଂସ୍ଥା କାର୍ଯ୍ୟନିର୍ବାହୀ ପ୍ରିୟଦର୍ଶୀ ମିଶ୍ର ଓ ପ୍ରତାପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କମ୍ପଟ୍ରୋଲର ଅଫ୍ ଆକାଉଣ୍ଟ ଭୁବନେଶ୍ୱର କାର୍ଯ୍ୟାଳୟର କମ୍ପଟ୍ରୋଲର ଅଶୋକ ମହାନ୍ତି, ସହକାରୀ କମ୍ପଟ୍ରୋଲର ଜ୍ୟୋତିରେଖା ଦାଶ, ସେକ୍ସନ ଅଫିସର ସୌମ୍ୟରଞ୍ଜନ ମୂଳିଆଙ୍କ ଉପସ୍ଥିତି ଓ ପ୍ରଚେଷ୍ଟାରେ କର୍ମଚାରୀଙ୍କୁ ଫାଇନାଲ ପେନ୍‌ସନ୍ ମଞ୍ଜୁର ହୋଇଥିବା ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## କୁକୁର ଆକ୍ରମଣରେ କୁଟୁରା ମୃତ

**ଭୁବନ,୨।୭(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳ ବାଲିବୋ ସଂରକ୍ଷିତ ଜଙ୍ଗଲରୁ ବାଲିବୋ ଗ୍ରାମକୁ ପାଳାଇ ଆସିଥିବା ଏକ କୁଟୁରାକୁ ମଙ୍ଗଳବାର ସକାଳେ ଦଳେ କୁକୁର ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ କୁଟୁରାର ମୃତ୍ୟୁ ଘଟିଥିଲା। ଏ ନେଇ ସ୍ଥାନୀୟ ଲୋକେ ବନବିଭାଗକୁ ଜଣାଇବା ପରେ ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କୁଟୁରା ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଭୁବନ ରେଞ୍ଜର କାର୍ଯ୍ୟାଳୟ ପରିସରରେ ପୋତି ଦେଇଥିଲେ।



## ରୋଜଗାରକ୍ଷମ ହେଲେ ଜୀବନର ଗତିପଥ ବଦଳିଯିବ

**ଢେଙ୍କାନାଳ,୨।୭(ରତନ ନାୟାର)**

ଢେଙ୍କାନାଳ ସହର ରଥଗଡା ଏଲ୍‌ଆଇସି ରୋଡ ସ୍ଥିତ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏବଂ ଅଗ୍ରଣୀ ବ୍ୟାଙ୍କ ଦ୍ୱାରା ପରାଚାଳିତ ୟୁକୋ ଗ୍ରାମ୍ୟ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିସରରେ ଏକ ସିଲାଇ ତାଲିମ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ୩୫ଜଣ ମହିଳା ଓ ଯୁବତୀ ଯୋଗଦେଇ ତାଲିମ ନେଉଛନ୍ତି। ଜିଲା ଶିଳ୍ପକେନ୍ଦ୍ର ଏଜିଏମ୍ ପ୍ରେମାନନ୍ଦ ନାଥ, ଜିଲା ନିୟୋଜନ ଅଧିକାରୀ ଡି. ରୋଜାଦୋରା ଓ ପ୍ରତିଷ୍ଠାନର ନିର୍ଦ୍ଦେଶିକା ଶିବାନୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସିଲାଇ ତାଲିମ ଦ୍ୱାରା ମହିଳାମାନେ ଆତ୍ମନିର୍ଭରଶୀଳ ହୋଇ ରୋଜଗାରକ୍ଷମ ହୋଇପାରିବେ। ରୋଜଗାରକ୍ଷମ ହେଲେ ଜୀବନର ଗତିପଥ ବଦଳିଯିବ। ସମାଜରେ ସମ୍ମାନର ସହ ବଞ୍ଚିପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା ଧନ୍ୟବାଦ ଦେଇଥିଲେ। କାଦମ୍ବରୀ ମହାଖୁଡ, ସ୍ନେହସ୍ମିତା ସାହୁ, ପ୍ରଣବ ରଞ୍ଜନ ମିଶ୍ର ଓ ସତ୍ୟମ ଶୁଭମ ଦାସ ପ୍ରମୁଖ ପରିଚାଳନା କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ମହିଳା ଓ ଯୁବତୀମାନେ।

